# କେନ୍ଦୁଝର : ଜିଲ୍ଲାସ୍ତରୀୟ "ମୋ ସ୍କୁଲ ଅଭିଯାନ"ର ଶୁଭାରମ୍ଭ : ପ୍ରାକ୍ତନ ଛାତ୍ର ଓ ଗୋଷ୍ଠୀର ଭାବପ୍ରବଣତା ରହିଲେ ବିଦ୍ୟାଳୟର ଅଶେଷ କଲ୍ୟାଣ ହେବ – ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର



କେନ୍ଦୁଝର, ତା ୦୫.୦୬.  ପ୍ରାକ୍ତନ ଛାତ୍ର ଓ ଗୋଷ୍ଠୀର ଭାବପ୍ରବଣତା ରହିଲେ ବିଦ୍ୟାଳୟର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ବୋଲି ଓଡିଶାର ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଚଳିତ ଜୁନ୍ ୦୫ ତାରିଖ ମଙ୍ଗଳବାର ଦିନ କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ "ମୋ ସ୍କୁଲ ଅଭିଯାନ"କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ପାତ୍ର ଏହି ମତବ୍ୟକ୍ତ କରିଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠରେ ଆୟୋଜିତ ଜିଲ୍ଲାସ୍ତରୀୟ "ମୋ ସ୍କୁଲ ଅଭିଯାନ"ର ଶୁଭାରମ୍ଭ ସମାରୋହରେ ମନ୍ତ୍ରୀ ଶ୍ରୀ ପାତ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ ବିଦ୍ୟାଳୟ ପ୍ରତ୍ୟେକ ବ୍ୟକ୍ତି ପାଇଁ ସ୍ମୃତିର ଆଳୟ ହୋଇ ରହିଥାଏ ଏବଂ ପୁରୁଣା ସ୍ମୃତିକୁ ମନେ ପକାଇ ଭାବ ବିହ୍ୱଳିତ ହୋଇଥାଏ । ରାଜ୍ୟ ଓ ଦେଶ ବିକାଶର ନକ୍ସା ବିଦ୍ୟାଳୟରୁ ହିଁ ଅଙ୍କା ହୋଇଥାଏ । ଯୁଗ ବଦଳିବା ସହିତ ସମୟ ବଦଳୁଛି । ଗୁଣାତ୍ମକ ଶିକ୍ଷା ପାଇଁ ସମନ୍ୱିତ ଉଦ୍ୟମର ଆବଶ୍ୟକତା ରହିଛି । ଯେଉଁ ବିଦ୍ୟାଳୟ ରୁ ଶିକ୍ଷା ଲାଭ କରି ଆଜି ବ୍ୟକ୍ତି ପ୍ରତିଷ୍ଠିତ ହୋଇଛି ସେହି ବିଦ୍ୟାଳୟ ପ୍ରତି କର୍ତବ୍ୟ ନିଭାଇବାର ସମୟ ଆସିଛି । ଏହି ପ୍ରକ୍ଷାପଟରେ ବିଦ୍ୟାଳୟକୁ ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଶିଶୁ ଦିବସ ଅବସରରେ ରାଜ୍ୟସ୍ତରରେ "ମୋ ସ୍କୁଲ ଅଭିଯାନ" କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ବିଦ୍ୟାଳୟରୁ ଶିକ୍ଷା ଲାଭ କରି ସମାଜ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ପୁରାତନ ଛାତ୍ରଛାତ୍ରୀ ଅଭିଭାବକ, ଶିକ୍ଷାନୁଷ୍ଠାନ ପ୍ରେମୀ, ସ୍ୱେଚ୍ଛାସେବୀ ସଂଗଠନ, ଶିଳ୍ପାନୁଷ୍ଠାନ, ସାମାଜିକ ସଂଗଠନ ପ୍ରମୁଖଙ୍କୁ ବିଦ୍ୟାଳୟ ସହିତ ଜଡିତ କରି ବିଦ୍ୟାଳୟର ବହୁବିଧ ବିକାଶ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ଅଭିଯାନ ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ବିଦ୍ୟାଳୟର ଶିକ୍ଷକମାନେ ଏ ଦିଗରେ ଅଗ୍ରଣୀ ଭୂମିକା ନିଭାଇ  ପ୍ରାକ୍ତନ ଛାତ୍ର , ଅଭିଭାବକ, ଶିକ୍ଷାପ୍ରେମୀ, ସ୍ୱେଚ୍ଛାସେବୀ ସଂଗଠନ, ଶିଳ୍ପାନୁଷ୍ଠାନ ଏବଂ ସାମାଜିକ ସଂଗଠନକୁ ନେଇ ଏକ ୟୁନିଟ୍ ଗଠନ ପୂର୍ବକ ବିଦ୍ୟାଳୟରେ ଗୁଣାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଏତଦ୍‌ବ୍ୟତୀତ ବିଦ୍ୟାଳୟ ସହ ଜଡିତ ସମସ୍ତ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବିଦ୍ୟାଳୟ ପ୍ରତି ଭାବଗତ ସଂପର୍କ ରଖି ବିଦ୍ୟାଳୟର ବିକାଶ ପାଇଁ ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସକ୍ରିୟ ସହଯୋଗ କରିବାକୁ ନିବେଦନ କରିଥିଲେ । ଦାନ ବଡ କଥା ନୁହେଁ ବିଦ୍ୟାଳୟ ପ୍ରତି ଆନ୍ତରିକତା, ମାନସିକତା ସେବା ମନୋଭାବ ହିଁ ଜୀବନରେ ଅଶେଷ ଆନନ୍ଦ ଆଣିଦେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଏହି ଅବସରରେ ମୋ ସ୍କୁଲ୍ ଅଭିଯାନର 'ଲୋଗୋ'କୁ ମନ୍ତ୍ରୀ ଶ୍ରୀ ପାତ୍ର ଉନ୍ମୋଚନ କରିଥିଲେ । କେନ୍ଦୁଝର ବିଧାୟକ ଅଭିରାମ ନାଏକ, ଆନନ୍ଦପୁର ବିଧାୟକ ମାୟାଧର ଜେନା, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ "ମୋ ସ୍କୁଲ ଅଭିଯାନ" ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏହା ଶିକ୍ଷା, ଶିକ୍ଷାୟତନ ଓ ବିଦ୍ୟାର୍ଥୀମାନଙ୍କର କଲ୍ୟାଣ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । ସମାରୋହରେ ଅଧ୍ୟକ୍ଷତା କରି ନିଜ ଅଭିଭାଷଣରେ ଜିଲ୍ଲାପାଳ ଶ୍ରୀ ଆଶିଷ ଠାକରେ କହିଥିଲେ ଯେ ଯେଉଁ ବିଦ୍ୟାଳୟ ମଣିଷ କରିଛି ସେହି ବିଦ୍ୟାଳୟ ପ୍ରତି କିଛି କରିବା ପାଇଁ ଏହି ଅଭିଯାନ ସୁଯୋଗ ଆଣିଛି ଏବଂ ପିଲାବେଳର ମନୋରମ କଥା ମନେ କରି ବିଦ୍ୟାଳୟ ସହିତ ପୁଣି ଥରେ ଯୋଡି ହେବାର ଅଙ୍ଗୀକାର ନେଇ ନିଜର ଦାୟିତ୍ୱବୋଧ ନିର୍ବାହ ଓ ପ୍ରତିବଦ୍ଧତା ପ୍ରକାଶ ସହିତ କିଛି ଅବଦାନ ରଖିବା ପାଇଁ ସୁଯୋଗ ସୃଷ୍ଟି କରିଛି ।  ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପଦକ୍ଷେପ । ପୁରାତନ ଛାତ୍ର, ଅଭିଭାବକ ଏବଂ ଗୋଷ୍ଠୀଙ୍କୁ ସାମିଲ କରାଯାଇ ବିଦ୍ୟାଳୟର ଭିତିଭୂମିର ବିକାଶ, ପାନୀୟ ଜଳ, ଶୌଚାଳୟ, ପାଠାଗାର, କ୍ରୀଡାର ବିକାଶ ଦିଗରେ ଉନ୍ନତି ଆଣିବାରେ ଏହି ଅଭିଯାନ ସହାୟକ ହୋଇପାରିବ ଏବଂ ଅନ୍ୟାନ୍ୟ ଅସୁବିଧା / ସମସ୍ୟାର ସମାଧାନ କରାଯାଇପାରିବ । ଏହି ଅବସରରେ ଜିଲ୍ଲାରେ କିପରି  ମୋ ସ୍କୁଲ ଅଭିଯାନ ସଫଳ ହୋଇପାରିବ ସେଥିପାଇଁ ସମସ୍ତେ ସକ୍ରିୟ ସହଯୋଗ କରିବାକୁ ନିବେଦନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତ ଚରଣ ପ୍ରଧାନ ଏହି ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । ସର୍ବ ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ 'ମୋ ସ୍କୁଲ୍ ଅଭିଯାନ'ର ଉଦ୍ଦେଶ୍ୟ, ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଡି.ଏନ୍. ହାଇସ୍କୁଲର ପ୍ରାକ୍ତନ ଛାତ୍ର ତଥା ବିଶିଷ୍ଟ ଶିକ୍ଷାବିତ୍ ବଳରାମ ସାହୁ ବିଦ୍ୟାଳୟ ଓ ଶିକ୍ଷାର ବିକାଶ ପାଇଁ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏକାକାର କରି ରାଜ୍ୟ ସରକାରଙ୍କର ମୋ ସ୍କୁଲ୍ ଅଭିଯାନକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଏହା ଶିକ୍ଷାର ବିକାଶ ଦିଗରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ ସମାରୋହର ସଂଯୋଜନା କରିଥିଲେ । ଏନ୍. ଏସ୍. ପୋଲିସ୍ ହାଇସ୍କୁଲ୍‌ର କୃତୀ ଶିକ୍ଷକ ତଥା 'ମୋ ସ୍କୁଲ୍ ଅଭିଯାନ'ର ଜିଲ୍ଲା ସଂଯୋଜକ ବିଭୁ ପ୍ରସାଦ ସେନାପତି ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର